# Akashvani, Sambalpur

## SAMBALPURI NEWS BULLETIN

### 12 June 2025- 6.47- 6.52 am.

*************************************************

ଅଣସର ଦର୍ଶନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ପବିତ୍ର ସ୍ନାନ ପୂର୍ଣ୍ଣିମା ଅବ୍‌ସରେ ଶହେ ୮ ଗରିଆ ସୁବାଶିତ ଜଳ ସ୍ନାନ କରିକରି ମାହାପୁରୁମାନେ ଜରେ ପଡ଼ିଛନ୍ । ଆଏଜ୍‌ଠାନୁ ଶ୍ରୀମନ୍ଦିର୍ ଅଣସର ପିଣ୍ଡି ନ ମାହାପୁରୁମାନ୍‌କର ଗୁପ୍ତ ସେବା ଚାଲ୍‌ବା । ସେଆଡ଼େ ବ୍ରହ୍ମଗିରିର ଶ୍ରୀ ଅଲାର୍‌ନାଥ ପୀଠ ନ ଅଣସର ଦର୍ଶନ୍ ମୁଲ୍ ହେବା । ୧୩ ଦିନ୍ ଧରିକରି ମହାପ୍ରଭୁ ଚତୁର୍ଭୁଜ ନାରାୟଣ ରୂପଥି ଭକ୍ତମାନ୍‌କୁ ଦର୍ଶନ୍ ଦେବେ । ଇ ବାବଦେ ଆମର୍ ପୁରୀ ସମ୍ବାଦଦାତାଙ୍କର୍ ରିପୋର୍ଟ...
(ଭଏସ୍ ଓଭର୍- ପୁରୀ ସମ୍ବାଦଦାତା)

ରାଜ୍ୟସ୍ତରୀୟ ବିକାଶ ବାହନ I&PR

ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କର୍ ଏକ୍ ବଛର୍ ପୂର୍ତ୍ତି ଅବ୍‌ସରେ ଆଏଜ୍ ଭୁବନେଶ୍ୱରଠାନେ ରାଜ୍ୟସ୍ତରୀୟ ବିକାଶ ବାହନ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କର୍‌ବେ । ରାଜ୍ୟର୍ ସବୁ ବ୍ଲକ୍, ବିଜ୍ଞପିତ ଅଂଚଲ ଆଉ ମହାନଗର ନିଗମ୍‌ଠାନେ ଆଏଜ୍‌ଠାନୁ ୨୧ ତାରିଖ୍ ତକ୍ ବିକାଶ ବାହନ ବୁଲି କରି ରାଜ୍ୟ ସରକାରଙ୍କର୍ ତର୍‌ଫୁ କରାଯାଉଥିବା ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ଲୁକ୍‌କୁ ଜନାବା ଆଉ ଅପହଂଚ ଇଲାକାମାନ୍‌କେ ସରକାରୀ ଯୋଜ୍‌ନା ପୁହୁଁଚାବା ।

ମୁଖ୍ୟମନ୍ତ୍ରୀ- ବୁଦ୍ଧିଜୀବୀ ସମ୍ମିଳନୀ I&PR

ଓଡ଼ିଶାର୍ ସାଂସ୍କୃତିକ ବିଭବ୍‌କେ ବିଶ୍ୱସ୍ତରେ ମାଏନ୍‌ତା ଦେବାର୍ ଲାଗି ରାଜ୍ୟ ସରକାର ନିରନ୍ତର ଚେରେଷ୍ଟା କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ କହିଛନ୍ । ଭୁବନେଶ୍ୱର ଠାନେ ଗଲାକାଏଲ୍ ରାଷ୍ଟ୍ରୀୟ ପୁରସ୍କାର ବିଜେତା, ବୁଦ୍ଧିଜୀବୀ ଆଉ ସ୍ୱେଚ୍ଛାସେବୀ ସମ୍ମିଳନୀଥି ଉଦ୍‌ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାରଙ୍କର ସବୁ ଯୋଜନାର ମୁଲେ ଜନସାଧାରଣଙ୍କର୍ ମତାମତ ରହିଛେ ଆଉ ଇଟାହି ସରକାରଙ୍କର ବିକାଶର ମୁଲ୍ ମନ୍ତ୍ର ଆଏ ବଲି କହିଛନ୍ । ସେନ୍ତା ଆଏବା ଦିନେ ରାଜ୍ୟର୍ ଭିନ୍ ଭିନ୍ ଇଲାକାନ ୨୧ ଝନ୍ ମହାପୁରୁଷଙ୍କର ପ୍ରତିମୂର୍ତି ଥାପ୍‌ନା କରାଯିବା ଆଉ ମହାପୁରୁଷମାନ୍‌କର୍ ଜନମ୍ ଗାଁର୍ ବିକାଶ କରାଯିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ଇ-ବିଦ୍ୟା ଯୋଜ୍‌ନା          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ଇ-ବିଦ୍ୟା ଯୋଜ୍‌ନାଥି ୧ ନୁ ଯୁକ୍ତ ଦୁଇ ଶ୍ରେଣୀତକ୍ ଛୁଆମାନ୍‌କର୍ ଲାଗି ଡିଟିଏଚ୍ ଟିଭିଥି ପାଠ୍‌ପଢ଼ାର୍ ବ୍ୟବସ୍ଥା ରହିଛେ । ହେଲେ ୯ ଆର୍ ୧୦ କ୍ଲାସ୍ ଛାତ୍ରଛାତ୍ରୀମାନ୍‌କୁ ପି.ଏମ୍. ଇ-ବିଦ୍ୟା ବ୍ୟବସ୍ଥାଥି ପାଠ୍‌ପଢ଼ାର୍ ଭିଡ଼ିଓ ତିଆର୍ କର୍‌ବାର୍ ଲାଗି ମାଧମିକ୍ ଶିକ୍ଷା ପରିଷଦ୍ ତର୍‌ଫୁ ଅଭିଜ୍ଞ ଶିକ୍ଷକ୍‌ମାନ୍‌କୁ ନେଇକରି ପ୍ରସ୍ତୁତି ଚାଲିଛେ । ଇ ବାବ୍‌ଦେ ବୋର୍ଡ଼ ସମ୍ମିଳନୀ କକ୍ଷ ନ ଗଲାକାଏଲ୍ ଗୁଟେ ଖାସ୍ କର୍ମଶାଲା ହେଇଯାଇଛେ ।

ସିଟି - ନାଁଲେଖା          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ୨୦୨୫-୨୭ ଶିକ୍ଷା ବଛର୍ ଲାଗି ଡିପ୍ଲୋମା ଇନ୍ ଏଲିମେଂଟରୀ ଏଜୁକେସନ୍- ସିଟି ଥି ନାଁଲେଖା ଲାଗି ବିଜ୍ଞପ୍ତି ବାହାରିଛେ । ଇଥିର୍‌ଲାଗି ଅନ୍‌ଲାଇନ୍ କମ୍ପ୍ୟୁଟର୍ ବେସ୍‌ଡ୍ ପରୀକ୍ଷା ଦେବାର୍ ଲାଗି ପଡ଼୍‌ବା । ଆଏଜ୍‌ଠାନୁ ଜୁଲାଇ ୯ ତାରିଖ୍‌ତକ୍ ଅନ୍‌ଲାଇନ୍ ଜରିଏ ଆବେଦନ୍ କରିହେବା । ପରୀକ୍ଷାର୍ଥୀମାନେ ଇ ବାବ୍‌ଦେ

samsodisha.gov.in ନାହେତ scertodisha.nic.in ଓ୍ୱେବ୍‌ସାଇଟ୍‌ନୁ ଅଏତ୍‌କା ତଥ୍ୟ ପାଇପାର୍‌ବେ ।

ଯୋଗଦିବସ୍ -ପ୍ରସ୍ତୁତି ବୈଠକ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ନ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗଦିବସ୍ ପାଲନ୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗୁଟେ ପ୍ରସ୍ତୁତି ବୈଠକ୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଯୋଗ ଦିବସ୍ ପାଲନ୍ ଲାଗି ସମିଆ ଧାରିଜ୍, ଅତିଥି ଅଧିକାରୀ ଆଉ ଛାତ୍ରଛାତ୍ରୀମାନ୍‌କର୍ ଯୋଗାଭ୍ୟାସ୍ କାର୍ଯ୍ୟକ୍ରମ୍ ବାବ୍‌ଦେ ଆଲୋଚନା ହେଇଛେ । ବୈଠକ୍‌ଥି ସବୁଜ ସମ୍ବଲ୍‌ପୁର୍ ମିଶନ୍ ବାବ୍‌ଦେ ଭିଲ୍ ଆଲୋଚନା ହେଇଥିଲା ।

କଳାହାଣ୍ଡି- ଆମ୍‌ଚାଷ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ନାବାର୍ଡ଼ ତର୍‌ଫୁ ପୁର୍‌ଥିର୍ ସବୁନୁ ମହଙ୍ଗା ଜାପାନ୍‌ର ମିଆଜାକି ଆମ୍‌କେ ପାଇଲଟ୍ ପ୍ରକଳ୍ପ ଭାବେ ଚାଷ୍ କରାଯିବା । କଳାହାଣ୍ଡି ଠାନେ ପହେଲାକରି ୫୦ ଟା ଗଛ୍ ଲଗାଯିବା ବଲି ନାବାର୍ଡ଼ର ମୁଖ୍ୟ ମହାପ୍ରବନ୍ଧକ୍ ସଞ୍ଜୟ କେ. ତାଲୁକ୍‌ଦାର୍ କହିଛନ୍ ।

ଦେବ୍‌ଗଡ଼୍- ମେଲେରିଆ ନିରାକରଣ୍      ଦେବଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନେ ମେଲେରିଆ ନିରାକରଣ୍ ଆଉ ମେଲେରିଆ ପ୍ରତିରୋଧ୍ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ୍ ହେଇଯାଇଛେ । ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀଙ୍କର୍ ଆବାହନ୍‌ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଅଧ୍ୟକ୍ଷତା କରିକରି ମେଲେରିଆ ରୋଗ୍‌କେ ନେଇକରି ଲୁକ୍‌କୁ ସଚେତନ୍ କର୍‌ବାର୍ ଆଉ ଇତାର୍ ନିୟନ୍ତ୍ରଣ୍ ଉପ୍‌ରେ ବୁଝେଇଥିଲେ ।

ଧର୍‌ତି ଆବା ଜନଜାତୀୟ ଉତ୍କର୍ଷ ଗାଁ     ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ୨ ଶହ ୬୦ଟା ଗାଁକେ ଧର୍‌ତି ଆବା ଜନଜାତୀୟ ଉତ୍କର୍ଷ ଗାଁ ଭାବେ ଚିହ୍ନଟ୍ କରାଯାଇଛେ । ଇ ସବୁ ଗାଁ ମାନ୍‌କେ କେନ୍ଦ୍ର ସରକାରଙ୍କର ଭିନ୍ ଭିନ୍ ଯୋଜନା ଲୁକ୍‌କର ପାଖେ ପୁହୁଁଚେଇକରି ସଫଲ୍ ରୂପାୟନ୍ କରାଯିବା । ଆଏଜ୍‌ଠାନୁ  ଆଏବା ୨୭ ତାରିଖ୍‌ତକ୍ ଧର୍‌ତି ଆବା ଜନଜାତୀୟ ଉତ୍କର୍ଷ ଗାଁ ଅଭିଯାନ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯିବା ।

ଦୃଷ୍ଟିବାଧିତ ମହିଳା ଟି-ଟ୍ୱେଂଟି ଟୁର୍ଣ୍ଣାମେଂଟ୍/ଆର୍ଏନ୍ୟୁ/ ସମ୍ବଲପୁର

ବିଶାଖାପାଟ୍ନମ୍ ନ ହେଇଥିବା ଦୃଷ୍ଟିବାଧିତ ମହିଳା ଟି-ଟ୍ୱେଂଟି ଟୁର୍ଣ୍ଣାମେଂଟ୍ଥି ଓଡ଼ିଶା ଦଲ୍ ଚମ୍ପିଅନ୍ ହେଇଛେ । ଫାଇନାଲ୍ ମେଚ୍ ଓଡ଼ିଶା ଆଉ ଆନ୍ଧ୍ରପ୍ରଦେଶ୍ ଭିତ୍ରେ ଖେଲାଯାଇଥିଲା । ଓଡ଼ିଶା ଦଲ୍ ୬ ଓ୍ୱିକେଟ୍ ହରେଇକରି ଶହେ ୯ ରନ୍ କରିଥିବାର୍ ବେଲେ ଆନ୍ଧ୍ରପ୍ରଦେଶ୍ ଦଲ୍ ସବୁ ଓ୍ୱିକେଟ୍ ହରେଇକରି ୮୦ ରନ୍ କରିଥିଲା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଦକ୍ଷିଣ ପୂର୍ବ ଆଉ ତାର୍ ପାଖର୍ ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ନ ବନିଥିବା ଘୂର୍ଣ୍ଣିବଲୟ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍ସାଗର୍ ଠାନେ କେନ୍ଦ୍ରୀତ ହେଇଛେ । ଇତାର୍ ପ୍ରଭାବ୍ଥି ଆଏବା ୨୪ ଘଂଟା ଭିତ୍ରେ ସମୁଦ୍ରଖଁଡ଼ି ଇଲାକା ସହେତେ ରାଜ୍ୟର୍ କେତେଟା ଜାଗା ନ ଘଡ଼୍ଘଡ଼ି ସହେତେ ହାଲ୍କା ନୁ ମଧ୍ୟମ୍ ଧରଣ୍ର ବର୍ଷା ହେଇପାରେ ।

ଇ ସମିଆଥି ଧୁକାଗର୍ଜି ସହେତେ ଜବର୍ ବର୍ଷାକେ ନେଇକରି ୫ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।